# NATIONAL NEWS BULLETIN (ODIA)
## 5 June - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି ।
- କେନ୍ଦ୍ର କ୍ୟାବିନେଟ୍‌ର ସୁପାରିଶ ଆଧାରରେ ସପ୍ତଦଶ ଲୋକସଭାକୁ ଭଙ୍ଗ କଲେ ରାଷ୍ଟ୍ରପତି ।
- ନରେନ୍ଦ୍ର ମୋଦୀଙ୍କୁ ତୃତୀୟଥର ନିମନ୍ତେ ପ୍ରଧାନମନ୍ତ୍ରୀ କରିବା ସମ୍ପର୍କିତ ପ୍ରସ୍ତାବ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ଏନ୍.ଡି.ଏ. ନେତାମାନଙ୍କ ବୈଠକରେ ସର୍ବସମ୍ମତି କ୍ରମେ ପାରିତ ହୋଇଛି ।
- ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ପ୍ରଦାନ କଲେ ତାଙ୍କର ଇସ୍ତଫାପତ୍ର ।

ଏବଂ

- ଚଳିତ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ସିରିଜ୍‌ରେ ଭାରତ ଆଉ କିଛି ସମୟ ପରେ ଆୟରଲାଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବ ।

## ପ୍ରେଜ୍-କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି । ଚଳିତ ସାଧାରଣ ନିର୍ବାଚନରେ ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଏନ୍.ଡି.ଏ. ବହୁମତ ହାସଲ କରି କେନ୍ଦ୍ରରେ ପୁନଶ୍ଚ କ୍ଷମତାସୀନ ହେବାକୁ ଯାଉଛି । ମାତ୍ର ପରବର୍ତ୍ତୀ ମନ୍ତ୍ରିମଣ୍ଡଳ ଶପଥଗ୍ରହଣ ପର୍ଯ୍ୟନ୍ତ ବର୍ତ୍ତମାନ ଶ୍ରୀ ମୋଦୀ କାମଚଳା ପ୍ରଧାନମନ୍ତ୍ରୀ ରୂପେ କାର୍ଯ୍ୟ ନିର୍ବାହ କରିବା ଲାଗି ରାଷ୍ଟ୍ରପତି ତାଙ୍କୁ କହିଥିବା ଜଣାଯାଇଛି । ପରେ ଶ୍ରୀ ମୋଦୀ ଉପରାଷ୍ଟ୍ରପତି ଜଗଦୀପ ଧନଖଡଙ୍କୁ ମଧ୍ୟ ତାଙ୍କ ବାସଭବନରେ ସାକ୍ଷାତ କରିଥିବା ଜଣାଯାଇଛି ।

ଅନ୍ୟ ପକ୍ଷରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନଠାରେ ବିଦାୟୀ କେନ୍ଦ୍ର କ୍ୟାବିନେଟ୍ ସଦସ୍ୟମାନଙ୍କ ଲାଗି ଏକ ନୈଶ୍ୟ ଭୋଜିର ଆୟୋଜନ କରିଛନ୍ତି ।

## ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସପ୍ତଦଶ ଲୋକସଭାକୁ ଭଙ୍ଗ କରିଛନ୍ତି । ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏ ସମ୍ପର୍କରେ ଏକ ପ୍ରସ୍ତାବ ପାରିତ

ହୋଇଥିଲା । କେନ୍ଦ୍ର ମନ୍ତ୍ରିମଣ୍ଡଳର ସୁପାରିଶ ଅନୁଯାୟୀ ରାଷ୍ଟ୍ରପତି ଏହି ପଦକ୍ଷେପ ନେଇଛନ୍ତି । ଆଜିର ଏହି କ୍ୟାବିନେଟ୍ ବୈଠକରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହା, ରାଜନାଥ ସିଂହ ଓ ନୀତିନ ଗଡ଼କରୀଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ଯୋଗଦେଇଥିଲେ ।

## ଏନ୍.ଡି.ଏ.-ଲିଡର୍ସ ମିଟିଂ

ପ୍ରଧାନମନ୍ତ୍ରୀଙ୍କ ନରେନ୍ଦ୍ର ମୋଦୀଙ୍କ ନୂଆଦିଲ୍ଲୀ ସ୍ଥିତ ସରକାରୀ ବାସଭବନରେ ଏନ୍.ଡି.ଏ. ନେତାମାନଙ୍କର ଏକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି । ଚଳିତ ସାଧାରଣ ନିର୍ବାଚନରେ ଏନ୍.ଡି.ଏ. ବିଜୟୀ ହେବା ପରେ କେନ୍ଦ୍ରରେ ନୂତନ ସରକାର ଗଠନ ଲାଗି ଏହି ବୈଠକରେ ଆଲୋଚନା କରାଯାଇଛି । ଆଜିର ବୈଠକରେ ନରେନ୍ଦ୍ର ମୋଦୀଙ୍କୁ ତୃତୀୟଥର ନିମନ୍ତେ ଦେଶର ପ୍ରଧାନମନ୍ତ୍ରୀ କରିବା ସମ୍ପର୍କିତ ପ୍ରସ୍ତାବକୁ ଏନ୍.ଡି.ଏ.ର ଅଂଶିଦାର ଦଳ ଗୁଡ଼ିକ ସର୍ବସମ୍ମତି କ୍ରମେ ସମର୍ଥନ କରିଛନ୍ତି । ତେଲୁଗୁଦେଶମ୍ ପାର୍ଟିର ଅଧ୍ୟକ୍ଷ ଏନ୍. ଚନ୍ଦ୍ରବାବୁ ନାଇଡୁ, ଜନତା ଦଳ ସଂଯୁକ୍ତର ମୁଖ୍ୟ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ଲୋକଜନଶକ୍ତି ପାର୍ଟି (ରାମବିଲାଶ)ର ଅଧ୍ୟକ୍ଷ ଚିରାଗ ପାଶୱାନ, ଆପନା ଦଳ ନେତା ଅନୁପ୍ରିୟା ପଟେଲ୍, ଆର୍.ଏଲ୍.ଡି. ମୁଖ୍ୟ ଜୟନ୍ତ ଚୌଧୁରୀ, ଜେ.ଡି.ଏସ୍.ର ଏଚ୍.ଡି. କୁମାର ସ୍ୱାମୀ, ହିନ୍ଦୁସ୍ତାନୀ ଆୱାମୀ ମୋର୍ଚ୍ଚା

ନେତା ଜିତନ ରାମ ମାନ୍‌ଝୀ, ଜନସେନା ପାର୍ଟି ନେତା ପବନ କଲ୍ୟାଣଙ୍କ ସମେତ ଏନ୍.ଡି.ଏ.ର ଅଂଶିଦାର ଦଳଗୁଡ଼ିକର ଅନ୍ୟ ନେତୃବୃନ୍ଦମାନେ ଆଜିର ଏହି ବୈଠକରେ ଯୋଗ ଦେଇଥିଲେ ।

ଏଠାରେ ସୂଚନା ଦିଆଯାଇପାରେ ଲୋକସଭା ନିର୍ବାଚନ ୨୦୨୪ରେ ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ.' ସଂଖ୍ୟା ଗରିଷ୍ଠତା ହାସଲ କରିଛି । ୫୪୩ ଲୋକସଭା ଆସନ ମଧ୍ୟରୁ ଏନ୍.ଡି.ଏ. ୨୯୨ଟି ଆସନ ହାସଲ କରିଥିବା ବେଳେ ଇଣ୍ଡି ମେଣ୍ଟ ୨୩୩ଟି ସିଟ୍‌ରେ ବିଜୟ ହାସଲ କରିଛି । ଅନ୍ୟାନ୍ୟ ୧୮ଟି ଆସନ ପାଇଛନ୍ତି । ବିଜେପି ଏକାକୀ ୨୪୦ ସିଟ୍ ପାଇଥିବା ବେଳେ ତେଲୁଗୁ ଦେଶମ୍ ୧୬ ଏବଂ ଜନତା ଦଳ ସଂଯୁକ୍ତ ୧୨ଟି ଆସନ ଅକ୍ତିଆର କରିଛି । ସେହିଭଳି କଂଗ୍ରେସ ଏକାକୀ ୯୯ଟି ଆସନ ଜିତିଥିବା ବେଳେ ସମାଜବାଦୀ ପାର୍ଟି ୩୭, ତୃଣମୂଳ କଂଗ୍ରେସ ୨୯ ଏବଂ ଡି.ଏମ୍.କେ. ୨୨ଟି ସିଟ୍ ହାସଲ କରିଛି ।

## ଓଡ଼ିଶା ରେଜିନେସନ୍

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ରାଜଭବନ ଯାଇ ରାଜ୍ୟପାଳ ରଘୁବର ଦାସଙ୍କୁ ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି । ଚଳିତ ବିଧାନସଭା ନିର୍ବାଚନରେ ବିଜୁ ଜନତା ଦଳର ପରାଜୟ ପରେ ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି । ତେବେ ପରବର୍ତ୍ତୀ

ମୁଖ୍ୟମନ୍ତ୍ରୀ ଶପଥଗ୍ରହଣ କରିବା ପର୍ଯ୍ୟନ୍ତ ଏହି ଦାୟିତ୍ୱ ନିର୍ବାହ କରିବାକୁ ରାଜ୍ୟପାଳ ଶ୍ରୀ ପଟ୍ଟନାୟକଙ୍କୁ କହିଛନ୍ତି । ଲଗାତାର ୫ଥର ବିଜୟଲାଭ କରି ୨୪ ବର୍ଷ ୩ ମାସ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଭାବେ ଶ୍ରୀ ପଟ୍ଟନାୟକ ଦାୟିତ୍ୱ ନିର୍ବାହ କରିଆସୁଥିଲେ । ୨୦୦୦ ମସିହା ମାର୍ଚ୍ଚ ୫ ତରିଖରେ ସେ ପ୍ରଥମଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ ।

ସୂଚନାଯୋଗ୍ୟ ଚଳିତ ନିର୍ବାଚନରେ ବିଧାନସଭାର ୧୪୭ଟି ଆସନ ମଧ୍ୟରୁ ବି.ଜେ.ପି. ୭୮ଟି ଆସନରେ ବିଜୟଲାଭ କରି ବହୁମତ ହାସଲ କରିଛି । ଅନ୍ୟପକ୍ଷରେ ବିଜେଡ଼ି ୫୧ଟି ଆସନରେ, କଂଗ୍ରେସ ୧୪ଟି ଏବଂ ସ୍ୱାଧୀନକୁ ମିଶାଇ ଅନ୍ୟାନ୍ୟ ୪ଟି ଆସନରେ ବିଜୟୀ ହୋଇଛନ୍ତି ।

## ମହାରାଷ୍ଟ୍ର-ଫଡ଼ନାବିସ୍

ମହାରାଷ୍ଟ୍ରରେ ଚଳିତ ସାଧାରଣ ନିର୍ବାଚନରେ ବିଜେପି ଆଶାଜନକ ସଫଳତା ହାସଲ କରିନଥିବାରୁ ଦଳର ବରିଷ୍ଠ ନେତା ତଥା ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିଶ୍ ନୈତିକତା ଦୃଷ୍ଟିରୁ ନିଜ ପଦବୀରୁ ଇସ୍ତଫା ଦେବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ଦଳର କେନ୍ଦ୍ରୀୟ ନେତୃବୃନ୍ଦ ଯଦି ଅନୁମତି ଦିଅନ୍ତି ତେବେ ନିଜ ପଦବୀରୁ ତୁରନ୍ତ ଇସ୍ତଫା ଦେବେ ବୋଲି ଶ୍ରୀ ଫଡ଼ନାବିଶ୍

କହିଛନ୍ତି । ସେ କହିଛନ୍ତି, ଇସ୍ତଫା ଦେବା ପରେ ରାଜ୍ୟର ଆଗାମୀ ବିଧାନସଭା-ନିର୍ବାଚନ ନିମନ୍ତେ ସେ ନିଜର ସମ୍ପୂର୍ଣ୍ଣ ସମୟ ଉପଯୋଗ କରି ଦଳ ଲାଗି ପ୍ରଚାର କାର୍ଯ୍ୟ କରିପାରିବେ ।

ରାଜ୍ୟରେ ବିଜେପିର ଭୋଟ୍ ହାରକୁ ବିଶ୍ଳେଷଣ କରି ଶ୍ରୀ ଫଡ଼ନାବିଶ୍ କହିଛନ୍ତି, ୨୦୧୯ ମସିହାରେ ବିଜେପିକୁ ୨୭ ଦଶମିକ୍ ୮/୪ ପ୍ରତିଶତ ଭୋଟ୍ ମିଳିଥିବା ବେଳେ ଚଳିତ ନିର୍ବାଚନରେ ଏହି ହାର ୨୬ ଦଶମିକ୍ ୧/୭କୁ ହ୍ରାସ ପାଇଛି । ସେହିଭଳି ଗତ ସାଧାରଣ ନିର୍ବାଚନରେ ବିଜେପି ୨୩ଟି ସଂସଦୀୟ ଆସନରେ ବିଜୟୀ ହୋଇଥିବା ବେଳେ ଚଳିତ ଥର ମାତ୍ର ୯ଟି ଆସନ ପାଇବାରେ ସକ୍ଷମ ହୋଇଛି ।

ସମ୍ବିଧାନ ପରିବର୍ତ୍ତନ, ଚାଷୀଙ୍କର ଆକ୍ରୋଶ, ମରାଠା ସଂରକ୍ଷଣ ହାର ଆଦି ପ୍ରସଙ୍ଗ ଉପରେ ଦଳର ମନଭାବକୁ ଠିକ୍ ଭାବେ ରାଜ୍ୟବାସୀଙ୍କ ନିକଟରେ ଉପସ୍ଥାପନ କରା ନ ଯିବା ସହିତ ରାଜ୍ୟରେ ଶାସନାଧୀନ ମହାୟୁତି ମେଣ୍ଟର ଅନ୍ୟାନ୍ୟ ଅଂଶିଦାରଙ୍କ ସହ ସହଯୋଗର ଅଭାବ ଆଦି ଦଳର ବିଫଳତା ଲାଗି ମୁଖ୍ୟ କାରଣ ବୋଲି ଶ୍ରୀ ଫଡ଼ନାବିଶ୍ କହିଛନ୍ତି ।

ଅନ୍ୟ ପକ୍ଷରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାତ ସିନ୍ଦେ କହିଛନ୍ତି, ଚଳିତ ନିର୍ବାଚନରେ ଆଶାଜନକ ସଫଳତା ହାସଲ ନ କରିବା ହେଉଛି ମହାୟୁତି ଦଳ ଗୁଡ଼ିକର ସାମୂହିକ ଦାୟିତ୍ୱ । ତେଣୁ ଏଭଳି ସ୍ଥିତିରେ ମାନସିକ ସ୍ତରରେ ଦୁର୍ବଳ ନ ହୋଇ ଭବିଷ୍ୟତରେ ଯେଭଳି ଏହାର

ପୁନରାବୃତ୍ତି ନ ହୁଏ ସେ ଦିଗରେ ସତର୍କ ହୋଇ କାର୍ଯ୍ୟ କରିବା ଉଚିତ୍ । ତେବେ ଶ୍ରୀ ଫଡ଼ନାବିଶ୍‌ଙ୍କ ଇସ୍ତଫା ପ୍ରଦାନ ନିଷ୍ପତ୍ତି ସମ୍ପର୍କରେ ତାଙ୍କ ସହିତ ଆଲୋଚନା କରିବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ସିନ୍ଦେ କହିଛନ୍ତି ।

## କେଜରିୱାଲ୍ ବେଲ୍ ରିଜେକ୍ଟ

ଦିଲ୍ଲୀ ମଦ ନୀତି ଦୁର୍ନୀତିରେ ସମ୍ପୃକ୍ତି ଅଭିଯୋଗରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଅନ୍ତରିଣ ଜାମିନ୍‌କୁ ସ୍ଥାନୀୟ ଏକ ଅଦାଲତ ଅଗ୍ରାହ୍ୟ କରିଛନ୍ତି । ଦିଲ୍ଲୀର ରାଉସ୍ ଆଭେନ୍ୟୁ ଅଦାଲତର ସ୍ୱତନ୍ତ୍ର ବିଚାରପତି କାବେରୀ ବାୱେଜା ୭ଟି ସ୍ୱାସ୍ଥ୍ୟଜନିତ କାରଣ ଲାଗି ଆବେଦନ କରାଯାଇଥିବା ଏହି ଅନ୍ତରିଣ ଜାମିନ୍‌କୁ ନାମଞ୍ଜୁର କରିଛନ୍ତି । ଏଥିସହିତ ଶ୍ରୀ କେଜରିୱାଲ୍ ଜେଲ୍ ହାଜତରେ ଥିବା ପର୍ଯ୍ୟନ୍ତ ତାଙ୍କୁ ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ଜନିତ ସୁବିଧା ଯୋଗାଇଦେବାକୁ ଅଦାଲତ ତିହାର ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ କେଜରିୱାଲଙ୍କ ନିୟମିତ ବେଲ୍ ଆବେଦନ ଆସନ୍ତା ୭ ତାରିଖରେ ହେବାକୁ ଧାର୍ଯ୍ୟ କରାଯାଇଛି ।

# ପରିବେଶ ଦିବସ

ଆଜି ହେଉଛି ବିଶ୍ୱ ପରିବେଶ ଦିବସ । ପରିବେଶ ସୁରକ୍ଷା ନେଇ ଜନସଚେତନତା ବୃଦ୍ଧି ଏବଂ ଏ ଦିଗରେ କାର୍ଯ୍ୟ କରୁଥିବା ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଏ । ଚଳିତବର୍ଷର ବାର୍ତ୍ତା ରହିଛି **ଭୂମି ପୁନରୁଦ୍ଧାର କର-ପୃଥିବୀକୁ ପୁର୍ନଜୀବିତ କର ।** ୧୯୭୨ ମସିହାରେ ମିଳିତ ଜାତିସଂଘ ଷ୍ଟକ୍‌ହୋମ୍‌ଠାରେ ଆୟୋଜିତ ସାଧାରଣ ସଭାରେ ପରିବେଶ ସୁରକ୍ଷା ଉପରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା । ୧୯୭୩ ମସିହା ଜୁନ୍ ୫ ତାରିଖରୁ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇଆସୁଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଅବସରରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପରିବେଶ ସୁରକ୍ଷା ଦିଗରେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି । ପୃଥିବୀ ମା'କୁ ସୁରକ୍ଷା ଦେବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ବୋଲି ସେ କହିଛନ୍ତି । ପ୍ରାକୃତିକ ସମ୍ପଦର ଆମେ ମାଲିକ ନୁହଁ, ଆମେ ଏହାର ରକ୍ଷକ ହେବା ଉଚିତ । ସେ କହିଛନ୍ତି ପରିବେଶ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜନଜୀବନ ଉପରେ

ଏହାର କୁପ୍ରଭାବ ପଡୁଛି । ଏହାକୁ ପ୍ରତିହତ କରିବା ଲାଗି ରାଷ୍ଟ୍ରପତି ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ମଧ୍ୟ ଏହି ଦିବସ ପାଳନ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପରିବେଶ ସୁରକ୍ଷା ପାଇଁ ଦୃଢ଼ ସଂକଳ୍ପ ଗ୍ରହଣ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିର ଦିବସରେ **ମା'ଙ୍କ ନାମରେ ଗୋଟିଏ ଗଛ** କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ପୂର୍ବାହ୍ନରେ ନୂଆଦିଲ୍ଲୀର ବୁଦ୍ଧଜୟନ୍ତୀ ପାର୍କ ଠାରେ ପ୍ରଧାନମନ୍ତ୍ରୀ ଏକ ଚାରା ରୋପଣ କରିଛନ୍ତି । ଦେଶବାସୀଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ଶ୍ରୀ ମୋଦୀ ଆହ୍ୱାନ କରିଛନ୍ତି ।

# କ୍ରିକେଟ୍

ଚଳିତ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ସିରିଜ୍‌ରେ ଭାରତ  କିଛି ସମୟ ପରେ ଆୟରଲାଣ୍ଡ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବ । ନ୍ୟୁୟର୍କର ନାସାଉ କାଉଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଭାରତୀୟ ସମୟ ରାତି ୮ଟାରେ ଆରମ୍ଭ ହେବ ।

ଗତକାଲି ଅନୁଷ୍ଠିତ ଦୁଇଟି ମ୍ୟାଚ୍ ମଧ୍ୟରୁ ଇଂଲଣ୍ଡ ଏବଂ ସ୍କଟ୍‌ଲାଣ୍ଡ ମଧ୍ୟରେ ମ୍ୟାଚ୍ ବର୍ଷା ଯୋଗୁଁ ସମ୍ଭବ ହୋଇପାରି ନ ଥିଲା ଏବଂ ଅନ୍ୟ ଏକ ମ୍ୟାଚ୍‌ରେ ନେଦରଲାଣ୍ଡ' ନେପାଳକୁ ୬ଓ୍ୱିକେଟ୍‌ରେ ପରାସ୍ତ କରିଛି ।

## ଆଇଏମ୍‌ଡି-ୱେଦର୍

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଆଗାମୀ ତିନି ଚାରିଦିନ ମଧ୍ୟରେ କେନ୍ଦ୍ରୀୟ ଆରବ ସାଗରର ଅବଶିଷ୍ଟ ଅଂଶ, କର୍ଣ୍ଣାଟକର ବାକିଥିବା ସ୍ଥାନ, ଦକ୍ଷିଣ ମହାରାଷ୍ଟ୍ର, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଉପକୂଳ, ଛତିଶଗଡ଼ର ଦକ୍ଷିଣାଞ୍ଚଳ ଏବଂ ଦକ୍ଷିଣ  ଓଡ଼ିଶାର କିଛି ଅଂଶକୁ ପ୍ରବେଶ କରିବାକୁ ଅନୁକୂଳ ସ୍ଥିତି ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି ।

ମିଳିଥିବା ସୂଚନା ଅନୁଯାୟୀ ଆଗାମୀ ୭ ଦିନ ପର୍ଯ୍ୟନ୍ତ ଦେଶର ଉତ୍ତର ପୂର୍ବାଞ୍ଚଳ, ପଶ୍ଚିମବଙ୍ଗ, ସିକ୍କିମ୍‌ର କେତେକ ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଏହାଛଡ଼ା ଜାମ୍ମୁ କାଶ୍ମୀର, ଲଦାଖ, ଗିଲ୍‌ଗିଟ୍, ବାଲଟିସ୍ତାନ, ମିଜାଫରବାଦ୍, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡର କେତେକ ସ୍ଥାନରେ ଆସନ୍ତା ୩ରୁ ୪ ଦିନ ପର୍ଯ୍ୟନ୍ତ ଅନୁରୂପ ପାଣିପାଗ ରହିବ ବୋଲି ଜଣାଯାଇଛି ।

ସେହିଭଳି ଆସନ୍ତା ୨ରୁ ୩ ଦିନ ପର୍ଯ୍ୟନ୍ତ ପଞ୍ଜାବ, ହରିଆନା, ଚଣ୍ଡିଗଡ଼, ଦିଲ୍ଲୀ, ଉତ୍ତରପ୍ରଦେଶ ଓ ରାଜସ୍ଥାନର କେତେକ ଅଞ୍ଚଳରେ

ଧୂଳିଝଡ଼ ଏବଂ ଘଡ଼ଘଡ଼ି ସହ ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି ।

ଅନ୍ୟ ପକ୍ଷରେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ପଞ୍ଜାବ, ହରିଆନା, ରାଜସ୍ଥାନ ଏବଂ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି ।